୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Wednesday November 26 ଭୁବନେଶ୍ୱର ବୁଧବାର, ୨୬, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## କୃଷକ କ୍ଷେତ୍ର ଦିବସ ହରଡ଼ ବିହନ ଉତ୍ପାଦନ କ୍ଷେତ୍ର ପରିଦର୍ଶନ




ଭୁବନେଶ୍ୱର( ପି ଏନ):-କେସିଙ୍ଗା ବ୍ଲକର ଉତ୍‌କେଲା ଗ୍ରାମପଂଚାୟତ ଅଧୀନରେ ଥିବା ଠେମରା ଗ୍ରାମଠାରେ ଜିଲ୍ଲା କୃଷି ବିଭାଗ ଏବଂ ଇକାର୍ଡ (ଅନ୍ତର୍ଜାତୀୟ ଶୁଷ୍କ ଅଂଚଳ କୃଷି ଗବେଷଣା କେନ୍ଦ୍ର )ଖରିପ ହରଡ଼ ବିହନ ଉତ୍ପାଦନ କୁ ନେଇଁ ଏକ କୃଷକ କ୍ଷେତ୍ର ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଏହି କାର୍ଯ୍ୟକ୍ରମ ରେ କଳାହାଣ୍ଡି ଜିଲ୍ଲା ର ବିଭିନ୍ନ ବ୍ଲକ ରୁ ଶତାଧିକ ହରଡ଼ ବିହନ ଏବଂ ଡାଲି ଜାତୀୟ ଫସଲ ଉତ୍ପାଦନ କରୁଥିବା ଚାଷୀ ମାନଙ୍କୁ ନେଇଁ ଅନୁଷ୍ଠିତ ହୋଇଥିବା ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଇକାର୍ଡ ର ଅନ୍ତର୍ଜାତୀୟ ଶୁଷ୍କ ଅଂଚଳ କୃଷି ଗବେଷଣା କେନ୍ଦ୍ର ଲେବାନନ ବିରୁଟ ଉପ ମୁଖ୍ୟ ପ୍ରବନ୍ଧ ଡଃ ଅଗସ୍ତୁ ବେସ୍ରା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଚାଷୀମାନଙ୍କୁ ଜଳବାୟୁ ପରିବେଶ ସହନଶୀଳତା ଫସଲ ଉତ୍ପାଦନ ଉପରେ ଗୁରୁତ୍ୱ ଦେଇଥିଲେ ଯାହା ଦ୍ୱାରା ଆଗାମୀ ସମୟରେ କୃଷକ ର ଆର୍ଥିକ ଏବଂ ସାମାଜିକ ସ୍ଥିତିରେ ଉନ୍ନତି ଆସିପାରିବ ଏହି କାର୍ଯ୍ୟକ୍ରମ ରେ ଅନ୍ୟତମ ସମ୍ମାନିତ ଅତିଥିଭାବେ ଆଂଚଳିକ ମୁଖ୍ୟ ଡଃ ଶିବ କୁମାର ଅଗ୍ରୱାଲ ଇକାର୍ଡ ଦକ୍ଷିଣ ଏସିଆ ଚାଇନା ଭାଗ ନେଇଁ ଚାଷୀମାନଙ୍କୁ ଆହ୍ୱାନ ଦେଇଥିଲେ ଯେ ସଠିକ ସମୟରେ ଜଳ ସେଚନ ଏବଂ ରୋଗ ପୋକ ଦମନ ଓ ଅମଳ ଇତ୍ୟାଦି ତ୍ୱରାନ୍ୱିତ କରି ପାରିଲେ କୃଷି ଉତ୍ପାଦନରେ ବୃଦ୍ଧି ପାଇଁ ପାରିବ ଯେହେତୁ ଭାରତ ଏକ କୃଷି ପ୍ରଦାନ ଦେଶ କୃଷି ଓ କୃଷକର ଉନ୍ନତି ହିଁ ଦେଶର ଉନ୍ନତି ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ଯୁକ୍ତ ପ୍ରମୋଦ କୁମାର ବେହେରା ଉଦ୍ ବୋଧନ ଦେଇ କହିଥିଲେ ଯେ କଳାହାଣ୍ଡି ଜିଲ୍ଲା ଶୁଷ୍କ ଜଳ ବାୟୁ ଅଂଚଳ ସେଥିପାଇଁ ହରଡ଼ ଡାଲି ଜାତୀୟ ଫଳସ କରିବା ପାଇଁ ଅନୁକୂଳ ଅଟେ ଏବଂ ଡାଲି ଫସଲ ଦ୍ୱରା ମାଟିର ଯତ୍ନ ସହିତ ପ୍ରକୃତିର ଯତ୍ନ ନେଇଁ ପାରି ପାରିବେ ଜାତୀୟ ଅନ୍ତର ଜାତୀୟ ସ୍ତରରେ ଡାଲିର ଚାହିଦା ରହିଛି ଏହା କୁ ଦୃଷ୍ଟି ରେ ରଖି କୃଷକ ଭାଇ ମାନକୁ ଡିପ ବା ଉଚ୍ଚ ଜମି ମାନଙ୍କରେ ଖରିପ ଓ ଋତୁ ରେ ଚାଷ କରିବା ପାଇଁ କହିଥିଲେ ଇକାର୍ଡର ଓଡିଶା ରାଜ୍ୟ ମୁଖ୍ୟ ଡ଼ କିଶୋର ଚନ୍ଦ୍ର ବେହେରା କଳାହାଣ୍ଡି ଜିଲାରେ ଆଗେଇ ନେଇଛନ୍ତି ଏବଂ ନୂତନ କୃଷି ପ୍ରଣାଳୀ କୁ ଅବଲମ୍ବନ କରି ଅଧିକ ଅମଳ ପାଇଛନ୍ତି ଏବଂ ନିଜ ନିଜ ଗ୍ରାମରେ ବିହନ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି ଏହା ଛଡ଼ା କୃଷକ ଉତ୍ପାଦନ ଗୋଷ୍ଠି ଗଠନ କରି ନିଜ କୃଷି ଉତ୍ପାଦକୁ ଉଚିତ ମୂଲ୍ୟରେ କଳାହାଣ୍ଡି ପଲ୍ସ ଫାର୍ମସ ପ୍ରାଇଭେଟ ଲିଃ ଦ୍ୱାରା ବଜାରରେ ବିକ୍ରି କରି ପାରୁଛନ୍ତି ଯାହା ଦ୍ୱାରା କି ସେମାନେ ଉଚିତ ମୂଲ୍ୟ ପାଇପାରିବେ ଏହି କାର୍ଯ୍ୟକ୍ରମରେ ଡଃ ବେହେରା କଳାହାଣ୍ଡି ଜିଲ୍ଲା କୁ ଡାଲି ଏବଂ ହରଡ଼ ବିହନ ଉତ୍ପାଦନ କରି ଏକ କୃଷି ସମୃଦ୍ଧ ଜିଲ୍ଲା ରେ ପରିଗଣିତ କରିବା ପାଇଁ ପ୍ରୟାସ କରିଛନ୍ତି ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଇକାର୍ଡ ର ମାନବ ସମ୍ବଳ ପ୍ରବନ୍ଧକ ପ୍ରିୟଙ୍କା ମାଥୁର ସେନ ଏବଂ ଇକାର୍ଡ ଓଡିଶା ର ଏଫପିଓ ମେଘନାଦ ନନ୍ଦ କୃଷି ବିଜ୍ଞାନୀ ନିରଞ୍ଜନ ସେନାପତି ସିସିଡବ୍ଲୁଡି ସଦାଶିବ ସ୍ୱାଇଁ ବ୍ଲକ ଅଧିକାରୀ ଜିତେନ୍ଦ୍ର କୁମାର ସିଂ ଉତ୍‌କେଲା ସରପଂଚ ମୀରା କୁମ୍ଭାର ମଂଚରେ ମଂଚାସିନ ରହି ଚାଷୀମାନଙ୍କୁ ବାର୍ତ୍ତା ପ୍ରଦାନ କରିଥିଲେ ଏହି କାର୍ଯ୍ୟକ୍ରମ ରେ କଳାହାଣ୍ଡି ଜିଲ୍ଲା ର ବିଭିନ୍ନ ବ୍ଲକ ରୁ ୨୩୦ଜଣ ମହିଳା ଓ ପୁରୁଷ ଯୋଗଦାନ କରିଥିଲେ ଏବଂ ଏହି କାର୍ଯ୍ୟକ୍ରମ ରେ ସ୍ଥାନୀୟ କୃଷକ ଏବଂ ଉତ୍ପାଦକ ଗୋଷ୍ଠୀ ର ସଦସ୍ୟ ମାନଙ୍କସହଭାଗିତାରେ କାର୍ଯ୍ୟକ୍ରମ ଟି ସୁଚାରୁ ରୂପେ କରାଯାଇଥିଲା ଏହି ଅବସରରେ କଳାହାଣ୍ଡି ପଲ୍ସ ଫାର୍ମର୍ସ ପ୍ରା.ଲି.ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ମିଶ୍ର ଙ୍କ ଦ୍ୱାରା ଉନ୍ନତ ମାନର ଡାଲି ଜାତୀୟ ବିହନ ଏବଂ ଆଧୁନିକ କୃଷି ଯନ୍ତ୍ରପାତି ଯଥା ଡ୍ରେନ. ସିଡ ଡ୍ରିଲ ପାୱାର ସ୍ପ୍ରେ ପାୱାର.ୱିଡର ଓ ରୋଟର.ପ୍ୟାକେଜିଂ.ଓ ଷ୍ଟିଚିଂମେସିନ କୃଷକ ମାନଙ୍କ ଅବଗତ ନିମନ୍ତେ ପ୍ରଦର୍ଶନ କରାଯାଇଥିଲା ଏହି କାର୍ଯ୍ୟକ୍ରମ ରେ ସିସିଡବ୍ଲୁଡିର କ୍ଷେତ୍ର ବିରେନ କୁମାର ସାହା. ନୀଳାଂଚଳ ପୋଢ଼, କେସିଙ୍ଗା ମଧୁସୂଦନ ମଙ୍ଗରାଜ, ଭବାନୀପାଟଣା ଗୁଣନିଧି ଭାଟି, କର୍ଲାମୁଣ୍ଡା ଥବିର ଗହୀର, ନର୍ଲା ହାରିବନ୍ଧୁ ସାହୁ, ଓ ଅଜୟ ନନ୍ଦ,ମ ରାମପୁର ପ୍ରମୁଖ କାର୍ଯ୍ୟକ୍ରମ ସମ୍ପାଦନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଅନ୍ୟ ମାନଙ୍କ ମଧ୍ୟରେ ଇକାର୍ଡ ଏବଂ ସିସି ଡବ୍ଲୁଡି ର ନୂଆପଡା ଏବଂ ବରଗଡ ଜିଲ୍ଲାର କର୍ମକର୍ତ୍ତା ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସମ୍ପାଦନ କରିଥିଲେ ।

## କିସରେ ୪୦ ହଜାର ଛାତ୍ରଛାତ୍ରୀଙ୍କୁ ଶାଲ ଓ ସ୍ୱେଟର ବଂଟନ



ଭୁବନେଶ୍ୱର, (ପି.ଏନ): ଶୀତଦିନ ଆସିଯାଇଥିବାରୁ କିସରେ ଆଜି ଛାତ୍ରୀଙ୍କୁ ଶାଲ ଓ ଛାତ୍ରଙ୍କୁ ସ୍ୱେଟର ବଂଟନ କରାଯାଇଛି । ପ୍ରତିବର୍ଷ ଶୀତ ଦିନ ଅବ୍ୟବହିତ ପୂର୍ବରୁ କିସଛାତ୍ରଛାତ୍ରୀଙ୍କ ପାଇଁ କିଟ ଓ କିସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସାଲ ଓ ସ୍ୱେଟର ବ୍ୟବସ୍ଥା କରିଥାନ୍ତି । ଶ୍ରୀ ସାମନ୍ତ ବ୍ୟକ୍ତିଗତ ଭାବେ ବାହାର ରାଜ୍ୟରୁ କିସ ଛାତ୍ରଛାତ୍ରୀଙ୍କ ପାଇଁ ଶୀତବସ୍ତ୍ର କ୍ରୟ କରିଥାନ୍ତି । ଚଳିତବର୍ଷ ଶ୍ରୀ ସାମନ୍ତଙ୍କ ବ୍ୟକ୍ତିଗତ ପ୍ରୟାସରେ ପଞ୍ଜାବର ଲୁଧିଆନାରୁ କିସ ଛାତ୍ରୀଙ୍କ ପାଇଁ ୨୦ ହଜାର ସାଲ ଓ ଛାତ୍ରଙ୍କ ପାଇଁ ୨୦ ହଜାର ସ୍ୱେଟର କିଣାହୋଇ ଆସିଛି । ଆଜି କିସ ପରିସରରେ ସେମାନଙ୍କୁ ଏକ ବିରାଟ କାର୍ଯ୍ୟକ୍ରମରେ ବଂଟନ କରାଯାଇଥିଲା । ଶାଲ ଓ ସ୍ୱେଟର ପାଇ ଛାତ୍ରଛାତ୍ରୀମାନେ ବେଶ ଖୁସି ଅନୁଭବ କରିଥିଲେ । ଏହି କାର୍ଯ୍ୟକ୍ରମରେ କିଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ଓ ଅତିରିକ୍ତ କୁଳସଚିବ ପ୍ରମୋଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ପେଶାଦାର ନିଶା ବେପାରୀ ଶୁଶାନ୍ତ ସେଠ୍ ଗିରଫ



ଜଗତସିଂହପୁର, (ପି ଏନ)ଜଗତସିଂହପୁର ବାଲିକୁଦା ଥାନା ଅନ୍ତର୍ଗତ ତେନ୍ତୁଳିବେଲାରୀ ନିକଟସ୍ଥ ବ୍ରାହ୍ମଣ୍ଡି ଅଂଚଳର ଜଣେ ନିଶା ମାଫିଆଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ରେଞ୍ଜ । ଯାଂ ପରେ ତାଙ୍କ ପାଖରୁ ୨୨ ଗ୍ରାମର ହେରୋଇନ୍ ଜବତ ହୋଇଛି । ସୂଚନାଯୋଗ୍ୟ ଯେ ବ୍ରାହ୍ମଣ୍ଡି ଗ୍ରାମର ଶୁଶାନ୍ତ ସେଠ୍ ଜଣେ ପେଶାଦାର ନିଶା ବ୍ୟବସାୟୀ । ଦୀର୍ଘ ଦିନ ଧରି ହେରୋଇନ ବ୍ୟବସାୟରେ ସଂପୃକ୍ତ ଥିବାବେଳେ ପୂର୍ବରୁ ବହୁବାର ଅବକାରୀ ବିଭାଗ ଦ୍ୱାରା ଗିରଫ ହୋଇ ଜେଲ୍ ଯାଇଛନ୍ତି । କିଛିଦିନ ତଳେ ଜେଲରୁ ଫେରି ପୁଣି ହେରୋଇନ ବ୍ୟବସାୟରେ ଲିପ୍ତ ଥିବାବେଳେ ଅବକାରୀ ବିଭାଗର ସ୍କାନ ରେ ଥିଲେ ଅଭିଯୁକ୍ତ । ଅଭିଯୁକ୍ତଙ୍କୁ ଧରିବା ପାଇଁ ଅବକାରୀ ଅଧିକ୍ଷିକା ଶ୍ରୀମତି ଅନିତା ପ୍ରଧାନଙ୍କ ନିର୍ଦ୍ଦେଶରେ ଉପ-ଅଧିକ୍ଷିକା ଆଦ୍ୟାଶା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅବକାରୀ ବିଭାଗର ବଛାବଛା ଅଫିସରମାନଙ୍କୁ ନେଇ ଏକ ଟିମ ଗଠନ ହୋଇଥିଲା ଯାହାର ନେତୃତ୍ୱ ନେଇଥିଲେ ଇନ୍ସପେକ୍ଟର ଶ୍ରୀକାନ୍ତ ପଟ୍ଟନାୟକ । ସୋମବାର ଦିନ ଗ୍ରାହକଙ୍କୁ ଯୋଗାଣ ଉଦ୍ଦେଶ୍ୟରେ ହେରୋଇନ୍ ରଖିଥିବାର ସୂଚନା ପାଇବା ପରେ ଗ୍ରାହକଙ୍କ ବେଶରେ ଅଭିଯୁକ୍ତଙ୍କ ସହ ସମ୍ପର୍କ କରିଥିଲେ ଅବକାରୀ ବିଭାଗର କର୍ମଚାରୀ ଏବଂ ଡିଲ୍ ବେଳେ ଅଭିଯୁକ୍ତଙ୍କୁ ମାଡିବସିଥିଲେ । ଗିରଫ ଅଭିଯୁକ୍ତ ଜଣକ ହେଲେ ଶୁଶାନ୍ତ ସେଠ୍ । ଜବତ ହେରୋଇନର ଆନୁମାନିକ କଳାବଜାରୀ ମୂଲ୍ୟ ପ୍ରାୟ ୨,୨୦,୦୦୦ ଟଙ୍କା ହେବ । ଅଭିଯୁକ୍ତଙ୍କ ବିରୁଦ୍ଧରେ ଏନ୍ ଡି ପି ଏସ୍ ଆକ୍ଟ ୧୯୮୫ ଅନୁସାରେ ମାମଲା ରୁଜୁ କରାଯାଇ ଜିଲ୍ଲା ଶିରାଜଜ ଜଗତସିଂହପୁରଙ୍କ କୋର୍ଟରେ ହାଜର କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରି ୧୪ଦିନିଆ ବିଚାର ବିଭାଗୀୟ ହାଜତ୍ କୁ ପଠାଯାଇଛି । ଏହି ଅଭିଯାନରେ ବାଲିକୁଦା ଅବକାରୀ ଥାନାର ସବ୍‌ଇନ୍ସପେକ୍ଟର ରବି ବେହେରା, ଭ୍ରାମ୍ୟମାଣ ସଂସ୍ଥାର ଏ ଏସ୍ ଆଇ ସନ୍ତୋଷ ନାୟକ, କନଷ୍ଟେବଲ ଜୟଦେବ ପାତ୍ର, ଦୀନବନ୍ଧୁ ସେଠୀ, ଅନୁରାଗ ସୂର୍ଯ୍ୟବଂଶୀ ପ୍ରମୁଖ ସାମିଲ ଥିଲେ ।ଜଗତସିଂହପୁର ଅଂଚଳରେ ହେରୋଇନ୍ ବ୍ୟବସାୟ କୁ ଦମନ କରିବାକୁ ସ୍ୱତନ୍ତ୍ର ଅପରେସନ୍ ଚାଲିଥିବାର ପ୍ରକାଶ କରିଛନ୍ତି ଜଗତସିଂହପୁର ଅବକାରୀ ଅଧିକ୍ଷିକା ଶ୍ରୀମତି ଅନିତା ପ୍ରଧାନ ।

## ନୀତି ଆୟୋଗ ଏବଂ ଜନଆଗ୍ରହ ସିଟି ଡାଟା ଏବଂ ଆନାଲିଟିକ୍ସ ପ୍ଲାଟଫର୍ମ (CDAP) ଆରମ୍ଭ କରିଛନ୍ତି




ଭୁବନେଶ୍ୱର,(ପି.ଏନ): ନଭେମ୍ବର ୨୦ତାରିଖରେ, ନୀତି ଆୟୋଗ ଏବଂ ଜନଆଗ୍ରହ ମିଳିତ ଭାବରେ ସିଟି ଡାଟା ଏବଂ ଆନାଲିଟିକ୍ସ ପ୍ଲାଟଫର୍ମ (CDAP) ଆରମ୍ଭ କରିଥିଲେ ।ଏହା ସହରାଂଚଳ ତଥ୍ୟ ପାଇଁ ଏକ ସମନ୍ୱିତ ପ୍ଲାଟଫର୍ମ । ଉଡଇଚ ହେଉଛି ଘଓଞଓ ଆୟୋଗର ନ୍ୟାସନାଲ ଡାଟା ଆଣ୍ଡ ଆନାଲିଟିକ୍ସ ପ୍ଲାଟଫର୍ମ (ଘଡଇଚ) ରେ ଏକ ମାଇକ୍ରୋସାଇଟ୍ ।ଏହାର ଲକ୍ଷ୍ୟ ହେଉଛି ତଥ୍ୟ-ଚାଳିତ ସହରାଂଚଳ ନୀତି ନିର୍ଦ୍ଧାରଣକୁ ତ୍ୱରାନ୍ୱିତ କରିବା । ମଧ୍ୟପ୍ରଦେଶର ଭୋପାଳରେ ଅନୁଷ୍ଠିତ ନୀତି ଆୟୋଗର ଡାଟା ଫୋରମ୍ ୨୦୨୫ର ଉଦଘାଟନୀ ଅଧିବେଶନରେ ମଧ୍ୟପ୍ରଦେଶ ସରକାରଙ୍କ ମୁଖ୍ୟ ସଚିବ ଅନୁରାଗ ଜୈନଙ୍କ ଦ୍ୱାରା CDAP ଲଂଚ କରାଯାଇଥିଲା ।୨୦୨୫ ସୁଦ୍ଧା ଭାରତରେ ସହରାଂଚଳ ଜନସଂଖ୍ୟା ୮୦ କୋଟିକୁ ଅତିକ୍ରମ କରିବ ।ବର୍ତ୍ତମାନ, ଏଡଚ ରେ ସହରଗୁଡ଼ିକର ଅବଦାନ ୬୩%, ଯାହା ୨୦୪୦ ସୁଦ୍ଧା ୭୫% କୁ ବୃଦ୍ଧି ପାଇବ ।ଭାରତର ସହରଗୁଡ଼ିକର ବିକାଶ ଏବଂ ନାଗରିକମାନଙ୍କୁ ଏକ ଭଲ ଗୁଣବତା ଜୀବନ ପ୍ରଦାନ କରିବା ପାଇଁ ପ୍ରାମାଣିକ, ନିର୍ଭରଯୋଗ୍ୟ ଏବଂ ସମନ୍ୱିତ ତଥ୍ୟ ଉପରେ ଆଧାରିତ ଉନ୍ନତି ଅତ୍ୟନ୍ତ ଜରୁରୀ । ଜିଲ୍ଲା, ସହର ଏବଂ ୱାର୍ଡ ସ୍ତରରେ ବ୍ୟାପକ ତଥ୍ୟ ପ୍ରଦାନ କରିବା ପାଇଁ ପ୍ଲାଟଫର୍ମରେ ଉପଲବ୍ଧ ସୂଚନାର ଗଭୀରତା ଏବଂ ବିସ୍ତାର ବୃଦ୍ଧି କରିବା ଉଡଇଚର ଲକ୍ଷ୍ୟ ।ଏହା ଏକ ମାନକ ଏବଂ ନିର୍ଭରଯୋଗ୍ୟ ସହରାଂଚଳ ତଥ୍ୟ ଆଧାର ସୃଷ୍ଟି କରିବ, ଯାହା ଉତମ ଯୋଜନା ଏବଂ ସୂଚନାପ୍ରଦ ନିଷ୍ପତି ଗ୍ରହଣରେ ଆହୁରି ସାହାଯ୍ୟ କରିବ । ଜନଆଗ୍ରହର ମୁଖ୍ୟ ନୀତି ଏବଂ ଅର୍ନ୍ତଦୃଷ୍ଟି ଅଧିକାରୀ ଆନନ୍ଦ ଆୟର କହିଛନ୍ତି:"ଉଡଇଚ ଆମ ସହରଗୁଡ଼ିକର ଖଣ୍ଡିତ ସିଷ୍ଟମରେ ବିଭିନ୍ନ ସ୍ଥାନରେ ପଡ଼ି ରହିଥିବା ତଥ୍ୟକୁ ଏକତ୍ର କରିବ ଯାହା ଦ୍ୱାରା ଲୋକଙ୍କୁ ଉନ୍ନତ ଜୀବନ ପ୍ରଦାନ କରାଯାଇପାରିବ ।ବିଭିନ୍ନ ଡାଟାସେଟକୁ ଏକତ୍ର କରିବା ଦ୍ୱାରା ଉପଯୋଗୀ ଅନ୍ତର୍ଦୃଷ୍ଟି ମିଳିଥାଏ ଯାହା ଭଲ ନିଷ୍ପତି ନେବାରେ ସାହାଯ୍ୟ କରେ ।" ଜନଗ୍ରହରେ ଉଡଇଚ ର ନେତୃତ୍ୱ ନେଉଥିବା ନେହା ମାଲହୋତ୍ରା ସିଂହ କହିଛନ୍ତି, "ସିଟି ଡାଟା ଏବଂ ଆନାଲିଟିକ୍ସ ପ୍ଲାଟଫର୍ମ ସ୍ଥାନ ଏବଂ ସମୟ ମଧ୍ୟରେ ନିର୍ଭରଯୋଗ୍ୟ, ମାନକୀକରଣ ଏବଂ ତୁଳନାତ୍ମକ ସୂଚନାକୁ ଏକତ୍ରିତ କରେ ।ଏହି ପ୍ଲାଟଫର୍ମ ସରକାର, ଗବେଷକ ଏବଂ ନାଗରିକମାନଙ୍କୁ ଏକ ସ୍ଥିର ଏବଂ ଉପଯୋଗୀ ଉପାୟରେ ତଥ୍ୟ ବ୍ୟବହାର କରିବାକୁ ସକ୍ଷମ କରିଥାଏ, ଯାହା ଭାରତର ସହରଗୁଡ଼ିକରେ ସୂଚନାପ୍ରଦ ଏବଂ ପ୍ରଭାବଶାଳୀ ନିଷ୍ପତି ନେବାରେ ସାହାଯ୍ୟ କରିଥାଏ । ନୀତି ଆୟୋଗର ପ୍ରମୁଖ ଅର୍ଥନୈତିକ ପରାମର୍ଶଦାତା ଏବଂ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଆନ୍ନା ରାୟ କହିଛନ୍ତି, "ଜାତୀୟ ତଥ୍ୟ ଏବଂ ଆନାଲିଟିକ୍ସ ପ୍ଲାଟଫର୍ମ (NDAP) କୁ ଭାରତ ସରକାରଙ୍କ ତଥ୍ୟକୁ ଉପଯୋଗୀ କରିବା ପାଇଁ ଡିଜାଇନ୍ କରାଯାଇଛି ଯାହାଦ୍ୱାରା ଲୋକମାନେ ସହଜରେ ତଥ୍ୟ ସନ୍ଧାନ, ମିଶ୍ରଣ, ଦର୍ଶନ ଏବଂ ଡାଉନଲୋଡ୍ କରିପାରିବେ ।ସହରଗୁଡ଼ିକର ଆବଶ୍ୟକତାର ଏକ ଅଧିକ ଗଭୀର, ବିବିଧ ଦୃଷ୍ଟିକୋଣ ପ୍ରଦାନ କରେ, ଯାହା ତଥ୍ୟର ଏକ ବ୍ୟାପକ ଦୃଷ୍ଟିକୋଣ ପ୍ରଦାନ କରେ ।ତେଣୁ, CDAP ଭାରତର ବିକାଶରେ ସାହାଯ୍ୟ କରିବା ପାଇଁ ସାର୍ବଜନୀନ ତଥ୍ୟ ଉପଲବ୍ଧ, ବୁଝାମଣାଯୋଗ୍ୟ ଏବଂ ବ୍ୟବହାରଯୋଗ୍ୟ କରିବା ପାଇଁ ଘଡଇଚର ମିଶନକୁ ଆହୁରି ଆଗକୁ ବଢ଼ାଏ ।"

## ଭୁବନେଶ୍ୱରରେ ସମୃଦ୍ଧ ଓଡ଼ିଶା-୨୦୩୬ କନକ୍ଲେଭ ଉଦ୍‌ଘାଟିତ



ଭୁବନେଶ୍ୱର,(ପି.ଏନ) : ଉତ୍କଳ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍ (ୟୁସିସିଆଇଏଲ) ପକ୍ଷରୁ ଆୟୋଜିତ ସମୃଦ୍ଧ ଓଡ଼ିଶା କନକ୍ଲେଭ-୨୦୩୬ ଭୁବନେଶ୍ୱରଠାରେ ଆରମ୍ଭ ହୋଇଯାଇଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହାକୁ ଉଦଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଶିଳ୍ପ, ସରକାର, ଶିକ୍ଷାନୁଷ୍ଠାନ, ଆର୍ଥିକ ଅନୁଷ୍ଠାନ ଓ ଷ୍ଟାର୍ଟଅପ୍ ଜଗତରୁ ୫୦୦ରୁ ଅଧିକ ଲିଡର ଯୋଗ ଦେଇଛନ୍ତି । ଏହା ରାଜ୍ୟର ଅର୍ଥନୈତିକ ରୂପାଂରଣକୁ ତ୍ୱରାନ୍ୱିତ କରିବା ଓ ଭବିଷ୍ୟତ-ପ୍ରସ୍ତୁତ ଓଡ଼ିଶା ଗଢ଼ିବାରେ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ । ଏହା ଭିଜନ୍ ୨୦୩୬ ଓ ୨୦୪୭ ସହ ସମ୍ପୂର୍ଣ୍ଣ ରୂପେ ସମନ୍ୱିତ । ଏହି ଅବସରରେ ଓଡ଼ିଶା ସରକାରଙ୍କ ଶିଳ୍ପ, କୌଶଳ ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା, ଆଇଏଏସ୍, ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଶିଳ୍ପ ବିଭାଗ) ଶ୍ରୀ ହେମନ୍ତ ଶର୍ମା, ଆଇଏଏସ୍ ଏବଂ ଡିଆରଡିଓର ଡିଜି (ଟେକ୍ନିକାଲ), ଇଲେକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେସନ ସିଷ୍ଟମ୍ ଡା. ବି.କେ. ଦାସ ଉପସ୍ଥିତ ଥିଲେ । ଉଦଘାଟନୀ କାର୍ଯ୍ୟକ୍ରମରେ ସମୃଦ୍ଧ ଓଡ଼ିଶା-୨୦୩୬ ସ୍ମାରକୀ ଏବଂ ୟୁସିସିଆଇଏଲ-ଇୱାଇ ନଲେଜ ରିପୋର୍ଟ ଉନ୍ମୋଚିତ ହୋଇଥିଲା, ଯାହା ଆଗାମୀ ଦଶକ ପାଇଁ ରଣନୀତିଗତ ଶିଳ୍ପ ପ୍ରାଥମିକତାକୁ ଚିହ୍ନଟ କରିଛି ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ସମାବେଶିତ ଶିଳ୍ପ ବୃଦ୍ଧି ପ୍ରତି ସରକାରଙ୍କ ପ୍ରତିବଦ୍ଧତା ଉପରେ ଗୁରୁତ୍ୱ ଦେଇ କହିଛନ୍ତି ଯେ, 'ବଡ଼, ମଧ୍ୟମ କିମ୍ବା କ୍ଷୁଦ୍ର ଯେକୌଣସି ପ୍ରକାର ନିବେଶକ ହୁଅନ୍ତୁ ନା କାହିଁକି, ଆମର ଦୃଷ୍ଟିଭଙ୍ଗି ସମସ୍ତଙ୍କ ପାଇଁ ସମାନ । ଆମେ ଏମଏସଏମଇ ବିକାଶ ଉପରେ ନିରନ୍ତର ଧ୍ୟାନ ଦେଉଛୁ । ପୋଷାକ ଓ ବସ୍ତ୍ରରୁ ଆରମ୍ଭ କରି ଭାରି ମେସିନ ପର୍ଯ୍ୟନ୍ତ ୧୬ଟିରୁ ଅଧିକ ନିର୍ଦ୍ଦିଷ୍ଟ କ୍ଷେତ୍ର ଉପରେ ଆମର ସରକାରଙ୍କ ଫୋକସରେ ଅଛି ।' ଶିଳ୍ପାୟନର ବ୍ୟାପକତା ବିଷୟରେ ସେ କହିଛନ୍ତି ଯେ, ଆମେ ୧୭ ଲକ୍ଷ କୋଟି ଟଙ୍କାର ଏମଓୟୁ ସ୍ୱାକ୍ଷର କରିଛୁ । ୫.୬୦ ଲକ୍ଷ କୋଟି ଟଙ୍କାର ୨୬୦ରୁ ଅଧିକ ପ୍ରକଳ୍ପକୁ ଅନୁମୋଦନ ଦେଇଛୁ, ଯାହା ୩.୬ ଲକ୍ଷ ଲୋକଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବ । ୨ ଲକ୍ଷ କୋଟିରୁ ଅଧିକ ମୂଲ୍ୟର ପ୍ରକଳ୍ପ ଉଦଘାଟନ କରିଛୁ ଯାହା ୧.୬୫ ଲକ୍ଷ ଲୋକଙ୍କୁ ରୋଜଗାର ଦେବ । ବ୍ୟବସାୟ ସରଳୀକରଣ ପାଇଁ ୨୩ଟି ବିଷୟ ମଧ୍ୟରୁ ୧୮ଟିରେ ସୁଧାର କରିଛୁ ।'ଶିଳ୍ପ ଓ କୌଶଳ ବିକାଶ ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛିଁ ଯେ, '୨୦୩୬ ସୁଦ୍ଧା ଓଡ଼ିଶାକୁ କେବଳ ସମୃଦ୍ଧ ନୁହେଁ, ୫୦୦ ବିଲିୟନ ଡଲାର ଅର୍ଥନୀତିରେ ପରିଣତ କରିବା ସରକାରଙ୍କ ଦୂରଦୃଷ୍ଟି । ଆମେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ପୂର୍ବୋଦୟ ମିଶନକୁ ବାସ୍ତବରେ ପରିଣତ କରୁଛୁ । ଉତ୍କର୍ଷ ଓଡ଼ିଶା କନକ୍ଲେଭରେ ୧୬ ଲକ୍ଷ କୋଟି ଟଙ୍କାରୁ ଅଧିକ ବିନିଯୋଗ ଇଚ୍ଛା ପ୍ରକାଶ ପାଇଛି । ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଓ ଏଚଏଲସିଏ ମାଧ୍ୟମରେ ୭.୬ ଲକ୍ଷ କୋଟି ଟଙ୍କାର ୩୦୦ରୁ ଅଧିକ ପ୍ରକଳ୍ପ ଅନୁମୋଦିତ ହୋଇଛି । ଆମର ସରକାରଙ୍କ ପ୍ରଥମ ୯ ମାସରେ ୨.୫ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ୫୮ଟି ଶିଳ୍ପ ପ୍ରକଳ୍ପ ଉଦଘାଟିତ ହୋଇଛି ।'

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray